



## ପ୍ରଥମ ପର୍ଯ୍ୟାୟ କାର୍ଯ୍ୟରେ ଝଟକୁଛି ମନ୍ଦିର ବେଢ଼ା



ଜିଲ୍ଲା ପ୍ରଶାସନ ପ୍ରଥମ ପର୍ଯ୍ୟାୟରେ ମନ୍ଦିର ବେଢ଼ାରେ ରୂପାନ୍ତରଣ ଆରମ୍ଭ କରିଥିଲା। ମିଳିଥିବା ୬କୋଟି ଟଙ୍କାରେ ମନ୍ଦିରର ନୂତନ ପାଚେରି ନିର୍ମାଣ, ଚଟାଣ ମରାମତି, ନୂତନ ଶ୍ରାବଣୀ ମଣ୍ଡପ, ଗଣେଶ ମଣ୍ଡପ, ସିଂହଦ୍ୱାର, ଚାରି ଦ୍ୱାରର ଗୁମୁଟ, କବାଟରେ ପିତ୍ତଳ ଛାଉଣୀ ସହ ମନ୍ଦିର ପରିସରକୁ ରଙ୍ଗିନ ଆଲୋକରେ ସଜ୍ଜିତ କରାଯାଇ ପୂର୍ଣ୍ଣାଙ୍ଗ ରୂପରେଖ ଦିଆସରିଛି। ଏପରି ରୂପାନ୍ତରଣରେ ଝଟକୁଛି ମନ୍ଦିର ବେଢ଼ା ଓ ପରିସର। ସେହିପରି ଏକ ସ୍ୱତନ୍ତ୍ର ଅନୁଦାନରେ ପୀଠରେ ୩କୋଟି ଟଙ୍କାର ପାନ୍ଥନିବାସ, ୪କୋଟି ଟଙ୍କା ବ୍ୟୟରେ ମାର୍କେଟ କମ୍ପ୍ଲେକ୍ସ, ୬କୋଟି ଟଙ୍କାରେ ସାଇନ୍ସ ପାର୍କ, ୧କୋଟି ୫୦ଲକ୍ଷ ଟଙ୍କାରେ ଶିବଗଙ୍ଗା ପୁଷ୍କରିଣୀର ସୌନ୍ଦର୍ଯ୍ୟକରଣ, ୧.୫୦କୋଟିରେ ମେଡିକାଲ ଆଦି ୨୨କୋଟି ଟଙ୍କାର ପ୍ରକଳ୍ପ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏପରି କାର୍ଯ୍ୟକୁ ନେଇ ଆଗନ୍ତୁକ ପର୍ଯ୍ୟଟକ ଖୁସି ବ୍ୟକ୍ତ କରିଛନ୍ତି।

### ୨ୟ ପର୍ଯ୍ୟାୟ ପାଇଁ ୪୨. ୩୭ କୋଟି ମଞ୍ଜୁର

ବାବା ଆଖଣ୍ଡଲମଣି ପୀଠର ୨ୟ ପର୍ଯ୍ୟାୟ ଉନ୍ନୟନ କାର୍ଯ୍ୟ ସହ ସୌନ୍ଦର୍ଯ୍ୟକରଣ ପାଇଁ ରାଜ୍ୟ ସରକାର ଦ୍ୱିତୀୟ ପର୍ଯ୍ୟାୟରେ ୪୨.୩୭ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହି ଅର୍ଥରେ ପୀଠ ତଥା ମନ୍ଦିର ଚତୁଃପାର୍ଶ୍ୱର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରାଯିବା ସହ କରିଡର ନିର୍ମାଣ ହେବ। ଏଥିପାଇଁ ଆବଶ୍ୟକ ପଡୁଥିବା ବେସରକାରୀ ଜମି, ଟ୍ରଷ୍ଟ ବୋର୍ଡ ଜମି ଓ ମନ୍ଦିର ଜମି ଅଧିଗ୍ରହଣ କରାଯିବ। ଏହି ଜମି ଅଧିଗ୍ରହଣ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଚିହ୍ନଟ ପ୍ରକ୍ରିୟା ଶେଷ ହୋଇଛି।

### ୧୫ଦିନ ମଧ୍ୟରେ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ କମିଟି ଗଠିତ

ଉଚ୍ଛେଦ ପ୍ରକ୍ରିୟା ପରେ ମନ୍ଦିରର ଉନ୍ନତି ଓ ସୌନ୍ଦର୍ଯ୍ୟକରଣ କରାଯିବ। ଏଥିପାଇଁ ଜିଲ୍ଲା ପୂର୍ତ୍ତ ବିଭାଗକୁ ପ୍ରକଳ୍ପର ଏକ ଏଷ୍ଟିମେଟ ରିପୋର୍ଟ ପ୍ରଦାନ କରିବାକୁ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବନ୍ଦୋର ନିର୍ଦ୍ଦେଶ ଦେଇଛନ୍ତି।

ଚାନ୍ଦବାଲି ବିଡିଓଙ୍କୁ ବିସ୍ଥାପନଙ୍କ ଥଇଥାନ ଯୋଜନା ପ୍ରସ୍ତୁତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବିସ୍ଥାପନ ସମସ୍ୟାକୁ ତ୍ୱରାନ୍ୱିତ କରିବା ପାଇଁ ୧୫ଦିନ ମଧ୍ୟରେ ବିସ୍ଥାପିତଙ୍କ ସହ ଆଲୋଚନା କରାଯିବା ସହ ମତାମତ ନେବା ପାଇଁ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବନ୍ଦୋର ଉପଜିଲ୍ଲାପାଳ ମନୋଜ ପାତ୍ର ଓ ଚାନ୍ଦବାଲି ତହସିଲଦାର ସୁକାନ୍ତ ସୂତାରଙ୍କୁ ଦାୟିତ୍ୱ ଦେଇଛନ୍ତି। ଏପରିକି ୨ୟ ପର୍ଯ୍ୟାୟ ସମସ୍ତ କାର୍ଯ୍ୟ ଆସନ୍ତା ଡିସେମ୍ବର ସୁଧା ସାରିବାକୁ ଲକ୍ଷ୍ୟ ରଖାଯାଇଛି।



# ରୂପାନ୍ତରଣ ପଥରେ ବାବାମଣିଙ୍କ ପୀଠ

**ଝଟକୁଛି ବାବାମଣି ଆଖଣ୍ଡଳମଣିଙ୍କ କ୍ଷେତ୍ର ଆରଡ଼ିଧାମ। ରୂପାନ୍ତରଣର ରୂପସ୍ପର୍ଶରେ ବଦଳୁଛି ଆରଡ଼ି ଧାମର କାୟାକଳ୍ପ। ପ୍ରଥମ ପର୍ଯ୍ୟାୟ ନିର୍ମାଣ ଶେଷ ହେବା ପରେ ଏବେ ଦ୍ୱିତୀୟ ପର୍ଯ୍ୟାୟ କାମ ପାଇଁ ତିଆରି ଚାଲିଛି ରୂପରେଖ। ମଞ୍ଜୁର ହୋଇଛି ୪୨ କୋଟି ୩୭ ଲକ୍ଷ ଟଙ୍କା। ୧୫ ଦିନ ଭିତରେ ସଂପୂର୍ଣ୍ଣ ନକ୍ସା ପ୍ରସ୍ତୁତି ହୋଇ ଡିସେମ୍ବର ସୁଦ୍ଧା କାର୍ଯ୍ୟ ସାରିବାକୁ ଲକ୍ଷ୍ୟ ରହିଛି।**



### ଭିକ୍ଷୁକଙ୍କୁ ମିଳିବ ଭୋକେସନାଲ୍ ଟ୍ରେନିଂ

ମନ୍ଦିରରେ ଭିଡ଼ ଜମାଉଥବା ଭିକାରିମାନଙ୍କ ପାଇଁ ଥଇଥାନର ବ୍ୟବସ୍ଥା କରାଯାଇଛି। ଭିକ୍ଷୁକମାନଙ୍କ ଆର୍ଥିକ ଉନ୍ନତି ପାଇଁ ଭୋକେସନାଲ ଟ୍ରେନିଂ, ଆର୍ଥିକ ସହାୟତା ରାଶି ଯୋଗାଇଦେବା ସହ ମଧୁବାବୁ ପେନ୍‌ସନ ଓ ସ୍ୱାସ୍ଥ୍ୟ ବୀମାରେ ଅନ୍ତର୍ଭୁକ୍ତ କରାଯିବା ସହ ରାସନ କାର୍ଡ, ଆଶ୍ରୟ ସ୍ଥଳୀ ସୃଷ୍ଟି ନିମନ୍ତେ ଏକ ସ୍ୱତନ୍ତ୍ର ପ୍ଲାନ କରିବା ପାଇଁ ଜିଲ୍ଲାପାଳଙ୍କୁ କ୍ଷମତା ପ୍ରଦାନ କରାଯାଇଛି।



### କଥା ରଖିଲେ '୫-ଟି' ଅଧ୍ୟକ୍ଷ

ଗତ ୨୦୨୨ ସେପ୍ଟେମ୍ବର ୨୨ରେ ତତ୍‌କାଳୀନ '୫-ଟି' ସଚିବ ଥିବା ବର୍ତ୍ତମାନର '୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଆରଡ଼ି ଗସ୍ତ କରି ବାବା ଆଖଣ୍ଡଳମଣିଙ୍କ ମନ୍ଦିରର ସ୍ଥିତି ଅନୁଧ୍ୟାନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ମନ୍ଦିରର ରୂପାନ୍ତରଣ ପାଇଁ ୬ କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ଏଥିରେ ମନ୍ଦିର ଚାରିପାଖ ପାଚେରି, ବେଢ଼ା ପରିସର, ଗର୍ଭଗୃହ କାର୍ଯ୍ୟ ଓ ଆଲୋକିକରଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ପୀଠର ବଡ଼ଧରଣ ସମ୍ପ୍ରସାରଣ ସହିତ ଅନ୍ୟାନ୍ୟ ବିକାଶ ପାଇଁ '୫-ଟି' ଅଧ୍ୟକ୍ଷଙ୍କ ସହ ସେବାୟତମାନେ ଆଲୋଚନା କରିବା ପରେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସେ ପ୍ରତିଶ୍ରୁତି ଦେଇଥିଲେ। ଏଥିପାଇଁ ପ୍ରସ୍ତୁତ ଡିପିଆର ଅନୁମୋଦନ ହେବା ସହ ଗତ ଜୁନ ୨୭ରେ ରାଜ୍ୟ ସରକାରଙ୍କ ପକ୍ଷରୁ ୪୨ କୋଟି ୩୭ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ୨ୟ ପର୍ଯ୍ୟାୟ କାର୍ଯ୍ୟ ନିମନ୍ତେ ଅନୁଦାନ ମିଳିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ମନ୍ଦିରର ସେବାୟତ ତଥା ବରିଷ୍ଠ ନାଗରିକମାନେ ସାଧୁବାଦ ଜଣାଇଛନ୍ତି।

### ବିସ୍ଥାପିତ ହେବେ ୯୮ ପରିବାର

ପ୍ରଶାସନର ସର୍ଭେ ରିପୋର୍ଟ ଅନୁସାରେ, ୯୮ ଜଣଙ୍କର ୧.୭୦ ଏକର ଜମି ଅଧିଗ୍ରହଣ ହେବ। ଏଥିସହିତ ସେମାନଙ୍କର ସମସ୍ତ ସ୍ଥାବର, ଅସ୍ଥାବର ସମ୍ପତ୍ତିର ପୁନଃ ଥଇଥାନ ନିମନ୍ତେ ଆରଡିସିଙ୍କ ଜରିଆରେ ସରକାରଙ୍କୁ ଏକ ପ୍ରସ୍ତାବ ଦିଆଯାଇଥିଲା। ଏହି ପ୍ରସ୍ତାବକୁ ତର୍ଜମା କରିବା ପରେ ଓଡ଼ିଶା ସରକାରଙ୍କ ରାଜସ୍ୱ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ପତ୍ର ସଂଖ୍ୟା ୨୨୫୯୯/ତା.୨୭-୦୬-୨୩ରେ ବାବା ଆଖଣ୍ଡଳମଣି ପୀଠ ପରିସରରର ପୁନଃ ଉନ୍ନୟନ ପାଇଁ ଏକ ପ୍ୟାକେଜ ଅନୁମୋଦନ କରାଯାଇଛି। ଉକ୍ତ ନିର୍ଦ୍ଦେଶନାମାରେ ରାଜ୍ୟ ସରକାରଙ୍କ ଥଇଥାନ ଓ ପୁନଃବସତି ଆକ୍ଟ -୨୦୧୩ ଅନୁଯାୟୀ ଏହି ବେସରକାରୀ ଜମି ଅଧିଗ୍ରହଣ କରାଯିବା ସହ ଜମିରେ ଥିବା ସ୍ଥାବର, ଅସ୍ଥାବର ସମ୍ପତ୍ତି ପାଇଁ ସିଧାସଳଖ କ୍ଷତିପୂରଣ ଅର୍ଥରାଶି ପ୍ରଦାନର ବ୍ୟବସ୍ଥା ରହିଛି। ଏହି ବିସ୍ଥାପିତଙ୍କ ପାଇଁ ଓଡ଼ିଶା ଥଇଥାନ ଓ ପୁନଃବସତି ଆକ୍ଟ-୨୦୦୬ର ଅଷ୍ଟମ ଦ୍ୱିବାର୍ଷିକ ନିୟମ ଅନୁଯାୟୀ ସ୍ୱତନ୍ତ୍ର ପ୍ୟାକେଜ୍ ବ୍ୟବସ୍ଥା କରାଯାଇଛି।





ଭଦ୍ରକରୁ ଉମାକଲ୍ୟାଣ ମହାପାତ୍ର

### ମିଳିବ ଉପଯୁକ୍ତ କ୍ଷତିପୂରଣ

ରିପୋର୍ଟ ଅନୁଯାୟୀ, ୫୪ଜଣ ସେବାୟତ ଜମି ଓ ବାସଗୃହ ହରାଉଥିବା ବେଳେ ୨୦ ଜଣ ସେବାୟତ ଟ୍ରଷ୍ଟବୋର୍ଡ ଜମିରେ ବସତି ସ୍ଥାପନ କରିଛନ୍ତି। ସେହିପରି ଠାକୁରଙ୍କ ସମ୍ପତ୍ତିରେ ୨୪ ଜଣ ସେବାୟତ ଘର କରି ରହିଛନ୍ତି। ଏହିସବୁ ଶ୍ରେଣୀର ମୋଟ ୯୮ ଜଣ ସେବାୟତ ପରିବାର ବର୍ଗଙ୍କୁ କ୍ଷତିପୂରଣ ଅର୍ଥ ପ୍ରଦାନ ସହ ସ୍ୱତନ୍ତ୍ର ଆର୍ଥିକ ସହାୟତା ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ବିଶେଷତଃ ବିସ୍ଥାପିତମାନଙ୍କର ଆସିଷ୍ଟାନ୍ସ ଫର ସେଲ୍ଫ ରିଲୋକେସନ ପାଇଁ ପରିବାର ପ୍ରତି ୧ ଲକ୍ଷ ୪ ହଜାର ୧୯୫ ଟଙ୍କା ପ୍ରଦାନ କରାଯିବାକୁ ଧାର୍ଯ୍ୟ ହୋଇଛି। ଏହାବ୍ୟତୀତ ମେଣ୍ଟେନାନ୍ସ ଆଲାଉନ୍ସ ବାବଦରେ ମାସକୁ ୪ ହଜାର ୬୬୬ ଟଙ୍କା ଲେଖାଏଁ ୧୨ ମାସକୁ ୪୯ ହଜାର ୯୯୨ ଟଙ୍କା ଦିଆଯିବ। ସେହିପରି ଆସିଷ୍ଟାନ୍ସ ଫର ଟେମ୍ପୋରାରୀ ସେଡ୍ ପାଇଁ ୨୦ ହଜାର ୮୩୧ ଟଙ୍କା ଓ ଗୃହୋପକରଣ ଗୁଡ଼ିକର ସ୍ଥାନାନ୍ତରଣ ବାବଦରେ ୪ ହଜାର ୧୬୬ ଟଙ୍କା ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି।

## ବିଏନ୍ଏମ୍ଏ କଲେଜରେ ପ୍ରତିଭା ଉନ୍ମେଷ ସମାରୋହ

# 'ଭାଷା ହେଉଛି ଜାତିର ଜୀବନୀ ଶକ୍ତି'

ତିହିଡ଼ି,୨୬।୧୨(ସମିସ)




ତାମିଲ ଭାଷାର ସୁପ୍ରସିଦ୍ଧ ଲେଖକ ଜାତୀୟବାଦୀ କବି ତଥା ସ୍ୱାଧୀନତା ସଂଗ୍ରାମୀ ସି. ସୁବ୍ରମଣ୍ୟ ଭାରଥିଙ୍କ ଜନ୍ମଦିନକୁ କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଭାରତୀୟ ଭାଷା ଦିବସ ରୂପେ ପାଳନ କରାଯିବା ଅବସରରେ ତିହିଡ଼ି ବ୍ଲକ ଅଧୀନ ପାଳିଆବିନ୍ଧା ବିଏନଏମ କଲେଜରେ ପ୍ରତିଭା ଉନ୍ମେଷ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ଡ. ବିଶ୍ୱରଂଜନ ଦାସଙ୍କ ସଂଚାଳନା ଓ ଅଧକ୍ଷ ପ୍ରଫେସର ଅମୂଲ୍ୟ କୁମାର ପରିଡ଼ାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଭାବେ କବି ହୃଦାନନ୍ଦ ପାଣିଗ୍ରାହୀ ଯୋଗଦେଇ ଆମ ଲୋକଭାଷା, ଲୋକାଚାର ଓ ଲୋକାଭିମୁଖୀ ଶାସନ ଉପରେ ଗୁରୁତ୍ୱ ଦେବାର ସମୟ ଆସିଛି ବୋଲି କହିଥିଲେ। ସମ୍ମାନୀତ ଅତିଥିଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପିକ ଡ. ଉତ୍ତମ ରାଉତ, ପୂର୍ବତନ ସେନାଧିକାରୀ ଧନେଶ୍ୱର ବିଶ୍ୱାଳ, ସମାଜସେବୀ ରଘୁନାଥ ପାତ୍ର, ପୂର୍ବତନ ସରପଞ୍ଚ ଉଷାକାନ୍ତ ନାୟକ ଓ ଯୁବନେତା ପାର୍ଥସାରଥି ନାୟକ ଯୋଗଦେଇ ଯୁବ ପ୍ରତିଭାମାନଙ୍କୁ ଉତ୍ସାହିତ କରିଥିଲେ। ଡ. ରାଜେନ୍ଦ୍ର ଭୁୟାଁଙ୍କ ସଂଚାଳନାରେ ଛାତ୍ରୀ ବନ୍ଦେ ବିଶେଶ୍ୱରୀ ଦାସ, ସ୍ମୃତିକା ମଲିକ, ଶ୍ରୀମନିଷା ନାୟକ ଓ ଛାତ୍ର ବଳରାମ ନାୟକ, ଶୁଭମ ନାୟକ, ଆଶୀଷ କୁମାର ସାହୁ ନୃତ୍ୟ ନାଟିକା ପରିବେଷଣ କରିଥିଲେ।

## ବରିଷ୍ଠ ନାଗରିକ ପରିଚୟପତ୍ର ବଣ୍ଟନ

**ଭଦ୍ରକ,୨୬।୧୨(ସମିସ):** ରାଣୀତାଲ ବରିଷ୍ଠ ନାଗରିକ ମଞ୍ଚ ତରଫରୁ ଆଜି ରାଣୀତାଲରେ ଥିବା ବରିଷ୍ଠ ନାଗରିକ ମାନଙ୍କୁ ପରିଚୟପତ୍ର ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଣୀତାଲ ବରିଷ୍ଠ ନାଗରିକ ମଞ୍ଚର ସଭାପତି ଭାଗିରଥି ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଭଦ୍ରକ ଗ୍ରାମାଞ୍ଚଳ ଥାନାଧିକାରୀ ଅମିତାଭ ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇ ୨୫ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ପ୍ରଦାନ କରିବା ସହ ବରିଷ୍ଠ ନାଗରିକ ଆମର ଦିଗଦର୍ଶକ ହୋଇଥିବା ରୁ ଏଭଳି କାର୍ଯ୍ୟକ୍ରମ ଆୟୋଜନକୁ ସ୍ୱାଗତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଭଦ୍ରକ ଜିଲ୍ଲା ବରିଷ୍ଠ ନାଗରିକ ମହାସଙ୍ଘର ସମ୍ପାଦକ କୈଳାଶ ଚନ୍ଦ୍ର ମହାପାତ୍ର, ଭାସ୍କର ଚନ୍ଦ୍ର ବେହେରା, ଯୋଗୀ ବିନୋଦ ବିହାରୀ ବାରିକ ଯୋଗ ଦେଇଥିଲେ। ଅଞ୍ଜନ ଲେଙ୍କା, ଶସଧର ସାମଲ, ନିତ୍ୟାନନ୍ଦ ସାହୁ, ରାଧାଶ୍ୟାମ ନାୟକ, ନଗେନ୍ଦ୍ର ପାଣି, ଗଣେଶ ଦାଶ, ଶଶୀଭୂଷଣ ମିଶ୍ର, କୃଷ୍ଣ ଚନ୍ଦ୍ର ସେନାପତି, ସବିତା ଚୌଧୁରୀ କାର୍ଯ୍ୟକ୍ରମ ପରି.ଳନାରେ ସହଯୋଗ କରିଥିବା ବେଳେ ରାଣୀତାଲ ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ଦଶରଥ ପଣ୍ଡା ସଭାର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିବା ବେଳେ ରବୀନ୍ଦ୍ର ବାରିକ ଧନ୍ୟବାଦ ପ୍ରଦାନ କରିଥିଲେ।

## 'ସ୍ମୃତିର ସାବିତ୍ରୀ' ଲୋକାର୍ପିତ




**ଭଦ୍ରକ,୨୬।୧୨(ସମିସ):** ସାବିତ୍ରୀ ଦେବତାଙ୍କ ଦ୍ୱାଦଶାହ ଅବସରରେ 'ଅତୀତର ଅନ୍ତରାଳେ ସ୍ମୃତିର ସାବିତ୍ରୀ' ସ୍ମରଣିକା ଲୋକାର୍ପଣ ହୋଇଯାଇଛି। ସ୍ୱରାଜ ବାର୍ତ୍ତାର ମୁଖ୍ୟ ସଂପାଦକ ରବିନାରାୟଣ ଖିଲାରଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ, ବିଶିଷ୍ଟ ଅତିଥି ଇଂ. ଅଭୟ ସୂତାର, ମୁଖ୍ୟବକ୍ତା ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ସମ୍ମାନିତ ଅତିଥି ସାମ୍ବାଦିକ ବାସୁଦେବ ତ୍ରିପାଠୀ, ଡ. ହରିହର ନାୟକ, ନିଗମାନନ୍ଦ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ସ୍ମୃତିଚାରଣର ଆବେଗିତ ବେଳାରେ ଶଶୀକଳା ମିଶ୍ର, ରାଜେନ୍ଦ୍ର ପ୍ରସାଦ ପଣ୍ଡା, ଶୁଭ୍ରସ୍ମିତା ରାଉତ ପ୍ରାରମ୍ଭିକ ଭଜନ ଗାନ କରିବା ସହ ସୁଶ୍ରୀ ମନୋରମା ରାୟ, ପ୍ରଧାନ ଶିକ୍ଷୟିତ୍ରୀ ଜାନକୀ ପାଢୀ, ସମାଜସେବୀ ଚୈତାଳୀ ଖିଲାର, ସୁମିତ୍ରା ପାଣି କବିତା ପାଠ କରିଥିଲେ। ଏତଦ୍ବ୍ୟତୀତ ଅଧ୍ୟାପକ ପଦ୍ମନାଭ ତ୍ରିପାଠୀ, ଆଇନଜୀବୀ ଦୁର୍ଗାରାୟ ମହାପାତ୍ର, ଅବସରପ୍ରାପ୍ତ ଅଧ୍ୟାପକ ବୀରେନ୍ଦ୍ର କପରିଡ଼ା, ଶିକ୍ଷକ ଡମ୍ବରୁଧର ବାରିକ ପ୍ରମୁଖ ଏଥିରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱର୍ଗତା ସାବିତ୍ରୀ ଦେବତାଙ୍କ ସ୍ୱାମୀ ଶ୍ରୀନିବାସ ଦେବତା, ଏକମାତ୍ର ପୁତ୍ର ସତ୍ୟରଞ୍ଜନ, ଝିଅ ଅନ୍ନପୂର୍ଣ୍ଣା, ଶ୍ରାବଣୀ, ସଂଯୁକ୍ତା ଓ କବିତା ତଥା ଜ୍ୱାଇଁ ନିଗମାନନ୍ଦ, ଉତ୍ତମ, ଧନେଶ୍ୱର, ଅଂଶୁମାନ, ନାତିନାତୁଣୀ ସମସ୍ତେ ଯୋଗଦେବା ସହ ମାଙ୍କର ସ୍ମୃତିଚାରଣ କରିଥିଲେ। ପରିଶେଷରେ ସାମ୍ବାଦିକ ଉଦ୍ଧବ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ରାତ୍ରୀକାଳୀନ ବିଶ୍ରାମ ଗୃହର ଶିଳାନ୍ୟାସ

**ଧାମନଗର,୨୬।୧୨(ସମିସ):** ଧାମନଗର ଏନ୍ଏସି ଅନ୍ତର୍ଗତ ୫ନମ୍ବର ୱାର୍ଡ ଅଧୀନ ମେଲଣ ପଡିଆ ନିକଟରେ ପ୍ରାୟ ୭୪ ଲକ୍ଷ ଟଙ୍କାର ନିର୍ମାଣ ହେବାକୁ ଯାଉଛି ଏକ ରାତ୍ରୀକାଳୀନ ବିଶ୍ରାମ ଗୃହର ଭୂମିପୂଜା କରାଯାଇଛି। ଏହି ପରିପ୍ରେକ୍ଷୀରେ ଆଜି ଅପରାହ୍ନରେ ଧାମନଗର ଏନ୍ଏସି ଅଧ୍ୟକ୍ଷା ନିବେଦିତା ଜେନାଙ୍କ କରକମଳରେ ପୂଜାର୍ଚ୍ଚନା ପରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ଗୃହନିର୍ମାଣ କାର୍ଯ୍ୟ ଆରମ୍ଭ କରି ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ଅଧ୍ୟକ୍ଷା ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ବିଶ୍ରାମ ଗୃହରେ ସହର ଓ ମେଡିକାଲକୁ ଆସୁଥିବା ବାହାର ଲୋକମାନେ ରାତ୍ରୀଯାପନ କରିପାରିବେ ଏବଂ ବହୁ ଲୋକ ଉପକୃତ ହେବେ ବୋଲି ଅଧ୍ୟକ୍ଷା ଶ୍ରୀମତୀ ଜେନା କହିଛନ୍ତି। ଏହି ଶିଳାନ୍ୟାସରେ ଏନ୍ଏସି କାର୍ଯ୍ୟାଳୟ କନିଷ୍ଠ ଯନ୍ତ୍ରୀ ନୀଳକଣ୍ଠ ନାୟକ, ସ୍ଥାନୀୟ କାଉନସିଲର ଅନୁମୁଣ୍ଡା, ବିଜେଡି ନଗର ସଭାପତି ସୁଶାନ୍ତ ରାଉତ, ବିଜେଡି ଛାତ୍ର ସଭାପତି ତୁଷାର କାନ୍ତ ମହାପାତ୍ର, କାଉନସିଲର ପ୍ରତିନିଧି ବିଜୟ କୁମାର ବେହେରା ଓ ଶିକ୍ଷାବିତ୍ ରସାନନ୍ଦ ମହାପାତ୍ର, ସେକ ଜାଫର ଅଲ୍ଲୀ, ପ୍ରହଲ୍ଲାଦ ମହାପାତ୍ରଙ୍କ ସମେତ ବହୁ ସ୍ଥାନୀୟ ଲୋକମାନେ ଉପସ୍ଥିତ ଥିଲେ।

## ଧାମନଗର ମହାବିଦ୍ୟାଳୟରେ ଫୁଟବଲ ମ୍ୟାଚ ଉଦ୍‌ଘାଟିତ

**ଦୋବଲ,୨୬।୧୨(ସମିସ):** ଧାମନଗର ମହାବିଦ୍ୟାଳୟ ପରିସରରେ ନୂଆ-ଓ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଫୁଟବଲ ମ୍ୟାଚ ଆଜି ଉଦ୍‌ଘାଟିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ଡ. ବନମାଳୀ ଦାଶ ଆନୁଷ୍ଠାନିକ ଭାବେ ଯୋଗଦେଇ ଏକ ଦିବସୀୟ ଫୁଟବଲ ମ୍ୟାଚ ଉଦଘାଟନ କରିଥିଲେ। ଏହି ଅବସରରେ ନୋଡାଲ ଅଫିସର ମହମ୍ମଦ ଇସ୍ରାଇଲ୍, କ୍ରୀଡା କାର୍ଯ୍ୟକ୍ରମର ସଂଯୋଜିକା ବାସ୍ତବିକା ଦାସ, ଡ. ପ୍ରଶାନ୍ତ ପରିଡା, ଡ. ଦେବାଶିଷ ମଲ୍ଲିକ ଓ ସରୋଜରଞ୍ଜନ ନନ୍ଦଙ୍କ ନେତୃତ୍ୱରେ ଉଭୟ ଯୁକ୍ତ ୨ ଓ ଯୁକ୍ତ ୩ର ପ୍ରାୟ ୮୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀଙ୍କୁ ନେଇ ମହାବିଦ୍ୟାଳୟର କ୍ରୀଡାଙ୍ଗନାରେ ଫୁଟବଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି ପୂର୍ବରୁ ହୋଇଥିବା ଏହି କ୍ରୀଡା ପ୍ରତିଯୋଗିତାରେ କ୍ୟାରମ୍, ଚେସ୍, ବ୍ୟାଡମିଣ୍ଟନ, ଟେବୁଲ ଟେନିସ୍, ଭଲି ବଲ୍, କ୍ରିକେଟ ଆଦି ଖେଳ ସରିଥବା ବେଳେ ଆସନ୍ତା ୨୮ ଓ ୨୯ ତାରିଖରେ ଦ୍ୱିଦିବସୀୟ ଆଥଲେଟିକ୍ସ ଇଭେଣ୍ଟ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି। ପ୍ରାଧ୍ୟାପକ ଡ. ସମୀର ହୁଇ, ପ୍ରଦୀପ ରାୟ, ଅଜୟ ବେଜ, ସରୋଜ ପଣ୍ଡା, ସଞ୍ଜୟ ପଣ୍ଡା, ଆଶୀଷ ସ୍ୱାଇଁ, ଆଶୀର୍ବାଦ ମହାନ୍ତି, ସ୍ମରଣିକା ପ୍ରଧାନ, ଶୁଶ୍ରୀ ସଂଗୀତା ନାୟକ, କଲ୍ୟାଣୀ ଦାଶ, ଡ. ବିଶ୍ୱଜିତା ବାରିକ୍, ଦିଲ୍ଲୀପ ମଲ୍ଲିକ୍, ଅଞ୍ଜନ ନାୟକ, ପୂର୍ବତନ କ୍ରୀଡା ଶିକ୍ଷକ ଉପେନ୍ଦ୍ର ବେହେରା, ଲକ୍ଷ୍ମଣ ନାୟକ, ଧୀରେନ୍ଦ୍ର ରାଉତ, ଜୟପ୍ରକାଶ ନାୟକ, ଜିଜ୍ଞାସୁ ଦାଶ, ସଂଗୀତା ପ୍ରଭା ବସନ୍ତିଆ, ବାବାଜୀ ଚରଣ ପରିଡ଼ା ପ୍ରମୁଖ ଅଧ୍ୟାପକ-ଆଧ୍ୟାପିକା, କର୍ମ.ରୀ ଓ ଛାତ୍ରଛାତ୍ରୀ ଫୁଟବଲ ଖେଳରେ ସହଯୋଗ କରିଥିଲେ।

## ଆପେକ୍ସ ଇଂରାଜୀ ମିଡିୟମ ସ୍କୁଲ୍‌ରେ ବାର୍ଷିକ କ୍ରୀଡ଼ା ଉତ୍ସବ




**ଧୂଷୁରୀ/ଅସୁରାଳି,୨୬।୧୨(ସମିସ):** ଧାମନଗର ବ୍ଲକ ଧୂଷୁରୀ ସ୍ଥିତ ଆପେକ୍ସ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଆପେକ୍ସ ସ୍କୁଲର ଅଧ୍ୟକ୍ଷ ସରୋଜ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଉଦଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଧୂଷୁରୀ ଥାନା ଅଧିକାରିଣୀ ବନାନୀ ବେହେରା ମୁଖ୍ୟ ଅତିଥି ରୂପେ କ୍ରୀଡା ପତାକା ଉତ୍ତୋଳନ କରିଥିଲେ। ଅନ୍ୟ ଅତିଥି ଭାବେ ତିହିଡ଼ି ବ୍ଲକର ପ୍ରାଣୀଧନ ଚିକିତ୍ସାଧିକାରୀ ଡାକ୍ତର ନିରାକାର ଜେନା, ଧୂଷୁରୀ ପ୍ରାଣୀଧନ ନିରୀକ୍ଷକ ଶଶୀଭୂଷଣ ରାଉତ, ଅଧ୍ୟାପକ ନିକୁଞ୍ଜ କିଶୋର ଜେନା ପ୍ରମୁଖ ଯୋଗ ଦେଇଥିଲେ। ସହକାରୀ ଶିକ୍ଷକ ପ୍ରଶାନ୍ତ କୁମାର ପଲାଇ ଆଭିମୁଖ୍ୟ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଦୁଇଦିନିଆ କ୍ରୀଡ଼ା ପ୍ରତିଯୋଗିତାରେ ଶିକ୍ଷାନୁଷ୍ଠାନର ତିନିଶହରୁ ଉର୍ଦ୍ଧ ଛାତ୍ରଛାତ୍ରୀ ବିଭିନ୍ନ ବିଭାଗରେ ଅଂଶଗ୍ରହଣକରୀ ସେମାନଙ୍କ କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ବାର୍ଷିକ କ୍ରୀଡ଼ାକୁ ଶିକ୍ଷକ କୈଳାସ ମଣ୍ଡଳ, ରଞ୍ଜନ ରାଉତରାୟ, ତ୍ରିନାଥ ଜେନା, ଆଦିତ୍ୟ ସାହୁ, ସୁଚରିତା ରାୟ, ସ୍ମୃତିରଞ୍ଜନ ବାରିକ, ଶରତ ପରିଡା, କାଜଲ ପଣ୍ଡା, ସୌମ୍ୟା ସୁଚରିତା ମିଶ୍ର, ଇନ୍ଦୁମତୀ ପଣ୍ଡା, ଶ୍ରୀଲିପ୍ତା ପାଣିଗ୍ରାହୀ, ଶୁଭଲକ୍ଷ୍ମୀ ବେହେରା, ଶୈଳବାଳା କର, ସ୍ମୃତିରୂପା ଭୂୟାଁ, ଶର୍ମିଷ୍ଠା ମହାପାତ୍ର, ସ୍ୱାଗତିକା ହୋତା, ସୋନାଲି ଦାସ, ସେକ ଇଞ୍ଜାମୂଲ ହୋସେନ, ଶୁଭଶ୍ରୀ ସାହୁ, ସମ୍ବିତ ପ୍ରଧାନ, ସରୋଜ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

## ଯୋଗାଣ ଅଧିକାରିଣୀଙ୍କ ରିଟେଲର ଦୋକାନ ପରିଦର୍ଶନ

ଧାମନଗର,୨୬।୧୨(ସମିସ): ଧାମନଗର ବ୍ଲକ ଓ ଏନ୍ଏସି ଯୋଗାଣ ଅଧିକାରିଣୀ ଅଚାନକ ରିଟେଲରମାନଙ୍କ ଦୋକାନ ଏବଂ ଗୋଦାମ ବିକ୍ରୟ କେନ୍ଦ୍ର ପରିଦର୍ଶନ ମେସିନ କାଗଜପତ୍ର ତଦନ୍ତ କରିଛନ୍ତି। ଆଜି ଅପରାହ୍ନରେ ଯୋଗାଣ ଅଧିକାରିଣୀ ଅନିବସନ୍ତି ସାହୁ ଏନଏସି ଅଞ୍ଚଳର ସମସ୍ତ ରିଟେଲରମାନଙ୍କ ଦୋକାନ ଓ ଗୋଦାମ ପରିଦର୍ଶନ କରି ଗଚ୍ଛିତ ଥିବା ଚାଉଳ ତଦନ୍ତ ସହିତ ଯୋଗାଣ ବିଭିନ୍ନ କାଗଜପତ୍ର ଯାଞ୍ଚ କରିଥିବା ବେଳେ ଉଠାଣ ଚାଉଳ ଠିକ ଅଛି କି ନାହିଁ ତାର ମଧ୍ୟ ତଦନ୍ତ କରିଛନ୍ତି। ଏହି ସମୟରେ ଯୋଗାଣ ବିଭାଗ ଏମଆଇର ସହଯୋଗୀ ଗିରିଜାପ୍ରସାଦ ସାହୁ ଉପସ୍ଥିତ ରହି ଲୋକମାନଙ୍କୁ ସୁଚାରୁରୂପେ ଚାଉଳ ବଣ୍ଟନ କରିବା ସରକାରୀ ନିୟମ ଅନୁଯାୟୀ କାଗଜପତ୍ର ଠିକଠାକ ରଖା ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀର ସମ୍ପାଦିକା ଓ କର୍ମକର୍ତ୍ତାମାନଙ୍କୁ ତାଗିଦ କରିବା ସହିତ ପରାମର୍ଶ ମଧ୍ୟ ଦେଇଥିବା ଅଧିକାରିଣୀ ଶ୍ରୀମତୀ ସାହୁ ଆମ ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି। ଏପଟେ ରିଟେଲର ସଂଘର ନିଷ୍ପତ୍ତି କ୍ରମେ ବଣ୍ଟନ କରାଯାଇଥିବା ବକେୟା ପାରିଶ୍ରମିକ ମୂଲ୍ୟପାଇ ନଥିବାରୁ ଆସନ୍ତା ଜାନୁଆରି ୧ତାରିଖ ଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଉଳ ବଣ୍ଟନ ନକରି ମେସିନ ବନ୍ଦ ରଖିବା ପାଇଁ ସଂଘ ତରଫରୁ ଘୋଷଣା କରାଯାଇଛି ବୋଲି ଜିଲ୍ଲା ସଭାପତି ଜଗବନ୍ଧୁ ଲେଙ୍କା ସୂଚନା ଦେଇଛନ୍ତି। ଯଥାଶୀଘ୍ର ଆମର ବଣ୍ଟନର ପାରିଶ୍ରମିକ ପାଉଣା ପୈଠ କରିବା ପାଇଁ ମଧ୍ୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛନ୍ତି।

## ଗୋପାଳଜୀଉ ହାଇସ୍କୁଲରେ ବନ୍ଧୁମିଳନ

**ଭଦ୍ରକ,୨୬।୧୨(ସମିସ):** ମଠସାହି ଗୋପାଳଜୀଉ ଉଚ୍ଚ ବିଦ୍ୟାଳୟ ୧୯୯୪ ବ୍ୟାଚର ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ଭାଗୀରଥି ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶକୁନ୍ତଳା ମହାନ୍ତି ମୁଖ୍ୟଅତିଥି, ପୁରାତନ ଶିକ୍ଷକ ପ୍ରଶାନ୍ତ ନନ୍ଦ, ବର୍ତ୍ତମାନର ପ୍ରଧାନ ଶିକ୍ଷକ ଦୈତାରୀ ଦିକ୍ଷିତ, ଶିକ୍ଷକ ପ୍ରଫୁଲ୍ଲ ସାହୁ, ପ୍ରଭାତ ମିଶ୍ର, ଅଜୟ ସାମଲ ପ୍ରମୁଖ ଯୋଗଦେଇ ଥିଲେ। ପୁରାତନ ଛାତ୍ର ସଞ୍ଜୟ ସାହୁ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ, ଗୟାଧର ସୂତାର ଅତିଥି ପରିଚୟ ଓ ଭଗବାନ ବାରିକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପୁରାତନ ଛାତ୍ରଛାତ୍ରୀମାନେ ବହୁବର୍ଷ ପରେ ଶିକ୍ଷକଙ୍କ ସହିତ ଏକତ୍ରିତ ହୋଇ ଅତୀତର ସ୍ମୃତିକୁ ରୋମନ୍ଥନ କରିଥିଲେ। ଏହି ଅବସରରେ ଅଶୋକ ସୂତାର, ଅନନ୍ତ ସାହୁ, ଦିଲ୍ଲିପ ଖଟୁଆ, ବୀରେନ୍ଦ୍ର କର, ଶିବଶଙ୍କର ସାହୁ, ଜୟନ୍ତ ନାୟକ, ଦେବାଶିଷ ମିଶ୍ର, ପ୍ରଦୀପ୍ତ ରଥ, ସଞ୍ଜୀବ ପାତ୍ର, ସନ୍ତୋଷ ପଣ୍ଡା, ଚକ୍ରଧର ପାତ୍ର, ମାନସ ବେହେରା, ଗୋପୀନାଥ ବାରିକ ପ୍ରମୁଖ ଯୋଗ ଦେଇଥିବା ବେଳେ ପଦ୍ମନ ସାହା ଧନ୍ୟବାଦ ଅର୍ପଣ କରିଥିଲେ।

### ରାଧାମୋହନ କ୍ଲବ ଫୁଟବଲ ଟୁର୍ଣ୍ଣାମେଣ୍ଟ

## ଫାଇନାଲରେ ମିଶନ ଟାଇଗର ବାଲେଶ୍ୱର

**ଅସୁରାଳି,୨୬।୧୨(ସମିସ):** ଧାମନଗର ବ୍ଲକ ଗଡିଆଳୀ ପଞ୍ଚାୟତ ଗଡ଼ିଆଳି ଠାରେ ଅନୁଷ୍ଠିତ ହୋଇଥିବା ଫୁଟବଲ ଟୁର୍ଣ୍ଣାମେଣ୍ଟର ୫ମ ଦିବସରେ ପ୍ରଥମ ସେମିଫାଇନାଲ୍ ମିଶନ ଟାଇଗର ବାଲେଶ୍ୱର ଓ ଆଳି କ୍ଲବ କେନ୍ଦ୍ରପଡା ଫୁଟବଲ ଟିମ ମଧ୍ୟରେ ହୋଇଥିଲା। ଏହି ସଙ୍ଘର୍ଷ ପୂର୍ଣ୍ଣ ମ୍ୟାଚରେ ମିଶନ ଟାଇଗର ବାଲେଶ୍ୱର ଆଳି କ୍ଲବ କେନ୍ଦ୍ରପଡାକୁ ୨-୦ଗୋଲ ଦେଇ ବିଜୟ ହାସଲ କରିଥିଲା। ଖେଳ ପରିଚାଳକ ମନୋରଞ୍ଜନ ବାରିକ, ଲାଇନ୍ସ ମ୍ୟାନ ଜିତେନ୍ଦ୍ର ବାରିକ, ତାଜିନ୍ ଖାଁ ଏହାକୁ ପରି.ଳନା କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରାକ୍ତନ ସାଂସଦ ଅନନ୍ତପ୍ରସାଦ ସେଠୀ, ସମ୍ମାନିତ ଅତିଥି ଭାବେ ଡାକ୍ତର ବିଦ୍ୟାଧର ଜେନା, କଂଗ୍ରେସ ବ୍ଲକ ସଭାପତି ରମେଶ ଚନ୍ଦ୍ର ବେହେରା, ବରିଷ୍ଠ ନେତା ନାରାୟଣ ଚନ୍ଦ୍ର ପାଢ଼ି, ଏବିଓ ସତ୍ୟସୁନ୍ଦର ପରିଡା ପ୍ରମୁଖ ଉପସ୍ଥିତ ଥିଲେ। କ୍ରୀଡା ସଭାପତି ଅଧ୍ୟାପକ ରବୀନ୍ଦ୍ର ପାଣିଗ୍ରାହୀ, କ୍ରୀଡା ସମ୍ପାଦକ ତାରାକାନ୍ତ ମିଶ୍ର, ଉପଦେଷ୍ଟା ରାସ ବିହାରି ମହାନ୍ତି, ସମାଜ ସେବୀ ଚକ୍ରଧର ପରିଡା, ପ୍ରଧାନ ଶିକ୍ଷକ ବଟକୃଷ୍ଣ ସେଠୀ ପ୍ରମୁଖ ଟୁର୍ଣ୍ଣାମେଣ୍ଟରେ ସହଯୋଗ କରିଥିଲେ।



## ସିପିଆଇର ୯୮ତମ ପ୍ରତିଷ୍ଠା ଦିବସ ପାଳିତ

**ଆଗରପଡା,୨୬।୧୨(ସମିସ):** ବନ୍ତସ୍ଥିତ ସିପିଆଇ କାର୍ଯ୍ୟାଳୟ ଠାରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ୯୮ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବରିଷ୍ଠ ନେତା ଗୋପବନ୍ଧୁ ସେଠୀ ଲାଲ ପତାକା ଉତ୍ତୋଳନ କରିଥିଲେ। ଜୋନ୍ ସଂପାଦକ ରମେଶ ଜେନାଙ୍କ ସଂଯୋଜନାରେ କମ୍ୟୁନିଷ୍ଟ ପାର୍ଟିର ଇତିହାସ ଓ ଆଦର୍ଶ ସଂପର୍କୀତ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ କାରାଧିକାରୀ ବାବାଜି ଚରଣ ଜେନା, ନିରଂଜନ ନାୟକ, ଟିଲୋ ସରପଞ୍ଚ ସଂଗ୍ରାମ କେଶରୀ ଜେନା, ବନ୍ତ ସମିତି ସଭ୍ୟ ପରମେଶ୍ୱର ବାରିକ, ଦୁଲ୍ଲା ଖାଁ, ପ୍ରାକ୍ତନ ସରପଞ୍ଚ ନାରାୟଣ ଚନ୍ଦ୍ର ସ୍ୱାଇଁ, ବରିଷ୍ଠ ନେତା ସୁବାଷ ଚନ୍ଦ୍ର ବେହେରା, ଭାସ୍କର ଚନ୍ଦ୍ର ବେହେରା ଯୋଗ ଦେଇ ୯୮ ବର୍ଷର ଭୂମିକା ସଂପର୍କରେ ବକ୍ତବ୍ୟ ପ୍ରଦାନ କରିବା ସହ ଆଗାମୀ ଦିନରେ ଜନସାଧାରଣଙ୍କ ପାଇଁ ଅବିରତ ଗଣଆନ୍ଦୋଳନ ଗଢି ତୋଳିବା ପାଇଁ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମରେ କିଶୋର ବେହେରା, ପର୍ଶୁରାମ ସ୍ୱାଇଁ, ଧନେଶ୍ୱର ଜେନା, ଅଭିମନ୍ୟୁ ଜେନା, ନୃସିଂହ ଚରଣ ପରିଡା, ଫକୀର ଉଦ୍ଦୀନ ଖାଁ, କମଳାକାନ୍ତ ଜେନା, ପଞ୍ଚାନନ ସେଠୀ, କୃଷ୍ଣ ଚନ୍ଦ୍ର ରାଉତ, ପଦ୍ମନାଭ ସ୍ୱାଇଁ ସହଯୋଗ କରିଥିଲେ।

## ମଞ୍ଜୁରୀ ଶାରଦା ବିଦ୍ୟାମନ୍ଦିରରେ ବିଜ୍ଞାନମେଳା

**ଭଣ୍ଡାରିପୋଖରୀ,୨୬।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ମଞ୍ଜୁରୀ ଶାରଦା ବିଦ୍ୟାମନ୍ଦିର ବାର୍ଷିକ ବିଜ୍ଞାନମେଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଗୁରୁଜୀ ନିର୍ମଳ କୁମାର ସେନାପତିଙ୍କ ପୌରୋହିତ୍ୟରେ ଓ ଗୁରୁମା ଦମୟନ୍ତୀ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବକୁ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁମତୀ ସେଠୀ ଉଦଘାଟନ କରିଥିଲେ। ସ୍ଥାନୀୟ ସରପଞ୍ଚ ସୁଜାତା ସାହୁ, ଅବସରପ୍ରାପ୍ତ ଶିକ୍ଷକ ଫକୀର ଚରଣ ଧଳ ଓ ଶିକ୍ଷାବିତ ସୁଧାକର ଦାଶ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଗୁରୁଜୀ ସୁଶାନ୍ତ ସେନାପତି ଅତିଥି ପରିଚୟ ଓ ଗୁରୁମା ଜ୍ୟୋତିରାଣୀ ରାଉତ ଧନ୍ୟବାଦ ଦେଇଥିଲେ। ଏହି ମେଳାରେ ବିଭିନ୍ନ ବର୍ଗର ମୋଟ ୪୧ଟି ବିଜ୍ଞାନ ଭିତ୍ତିକ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଖଗେଶ୍ୱର ମହାପାତ୍ର ବିଚାରକ ଭାବେ ପ୍ରକଳ୍ପଗୁଡିକର ମୂଲ୍ୟାୟନ କରିଥିଲେ। 'କ' ବର୍ଗରେ ଭବାନୀରାଣୀ ନାୟକ ୧ମ, ହରପ୍ରିୟା ଓଝା ୨ୟ ଓ ସାଇକୃପା ପଣ୍ଡା ଓ ପ୍ରୀତିରାଣୀ ଜେନା ଯୁଗ୍ମ ଭାବେ ୩ୟ ହୋଇଥିବା ବେଳେ 'ଖ' ବର୍ଗରେ ଦେବ ବିଶ୍ୱାସ ୧ମ, ଦିବ୍ୟଦର୍ଶନ ୨ୟ ଓ ଗଜଲକ୍ଷ୍ମୀ ସେନାପତି ଓ ଅନ୍ୱେଷା ସାହୁ ଯୁଗ୍ମ ଭାବେ ୩ୟ ହୋଇଥିଲେ। 'ଗ' ବର୍ଗରେ ଚନ୍ଦ୍ରଶେଖର ମିଶ୍ର ଓ ପ୍ରୀତିରଞ୍ଜନ ମିଶ୍ର ଯୁଗ୍ମ ଭାବେ ୧ମ, ମିତାଲି ସେନାପତି୨ୟ ଓ ଯାଜ୍ଞସେନି ନାୟକ ୩ୟ ସ୍ଥାନ ହାସଲ କରିଥିଲେ। ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ବିଇଓ ଅଧିର କୁମାର ତରାଇ ମୁଖ୍ୟଅତିଥି, ବ୍ଲକ ବିଜ୍ଞାନ ସଂଯୋଜକ ତଥା ପ୍ରଧାନଶିକ୍ଷକ ରବିନ୍ଦ୍ର କୁମାର ମହାରଣା ମୁଖ୍ୟବକ୍ତା ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପବନ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

## ଲଣ୍ଡନ କିଡ୍ସ ପ୍ରି ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ




**ଭଦ୍ରକ,୨୬।୧୨(ସମିସ):** ଭଦ୍ରକ ସହରରେ ଥିବା ଲଣ୍ଡନ କିଡ୍ସ ପ୍ରି ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଛି। ୨ଦିନ ଧରି ଚାଲିଥିବା ଏହି କ୍ରୀଡା ଉତ୍ସବକୁ ଜିଲା ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଉପଦେଷ୍ଟା ସ୍ତମ୍ଭକାର ଅଭୟ ଦ୍ୱିବେଦୀ ଓ ବରିଷ୍ଠ ସାମ୍ବାଦିକ ପ୍ରମୋଦ ରାୟ ଯୋଗଦେଇଥିଲେ। କୁନି କୁନି ପିଲାଙ୍କ ମା'ମାନଙ୍କ ମଧ୍ୟରେ ଏକ ସ୍ୱତନ୍ତ୍ର ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଆଜି ଜିଲା କ୍ରୀଡା ଅଧିକାରୀ ପଦ୍ମନ ରାୟ ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇ ପିଲାମାନଙ୍କୁ ପୁରସ୍କୃତ କରିଥିଲେ। ବିଶେଷକରି ଶ୍ରେଷ୍ଠ ମା' ଭାବେ ଅଭିଭାବକ ଦୀପାଞ୍ଜଳି ମହାନ୍ତିଙ୍କୁ ଶ୍ରୀ ରାୟ ସ୍ୱତନ୍ତ୍ର ଭାବେ ସମ୍ମାନିତ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷା ସଂଗୁପ୍ତା ୟାସମିନ୍ ଓ ନିର୍ଦ୍ଦେଶକ ସେକ୍ ଅମିରୁଦ୍ଦିନ୍ ଏହି ଆୟୋଜନର ସମସ୍ତ ଶ୍ରେୟ ଅଭିଭାବକ ଓ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ଦେଇଥିବାବେଳେ କୁନି କୁନି ପିଲାମାନଙ୍କୁ ଏ ପ୍ରକାର ତାଲିମ୍ ଦେଇପାରିଥିବା ସ୍କୁଲର କ୍ରୀଡା ଶିକ୍ଷୟିତ୍ରୀ ଅର୍ଚ୍ଚନା ବଳଙ୍କ ସମେତ ଶିକ୍ଷୟିତ୍ରୀ ସ୍ମିତା ତ୍ରିପାଠୀ, ରଶ୍ମିତା ସାହୁ, ବୀଣାପାଣି ଧୂପତି ଓ ଆରତୀ ବେହେରାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୀତା ଭବନରେ ଗୀତା ଜୟନ୍ତୀ

**ଭଦ୍ରକ,୨୬।୧୨(ସମିସ):** ଗୀତା ଧର୍ମଗ୍ରନ୍ଥ ନୁହଁ। ବରଂ ଏହା ମାନବ ଜାତିର କଲ୍ୟାଣ ପାଇଁ ଉଦ୍ଦିଷ୍ଟ ଅଟେ । ବିଶ୍ୱର ଭାରତର ପରିଚୟ ଗୀତା ଓ ଗାନ୍ଧୀ। ବିବେକାନନ୍ଦ ଠାରୁ ଆରମ୍ଭ କରି ଅରବିନ୍ଦ ଯାଏ ସମସ୍ତେ ଗୀତା ହିଁ ବିଶ୍ୱ ସମୁଦାୟକକୁ ଶିକ୍ଷା ଦେଇପାରିବ ବୋଲି ଗୀତାଭବନରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମତ ପ୍ରକାଶ ପାଇଛି । ପଣ୍ଡିତ ସଂଗ୍ରାମ ଆ.ର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥୀ ରୂପେ ବରିଷ୍ଠ ଡାକ୍ତର ପ୍ରଫେସର ହିରଣ୍ମୟ ମହାନ୍ତି, ବରେଣ୍ୟ, ମୁଖ୍ୟବକ୍ତା ରୂପେ ଉତ୍ତରାଖଣ୍ଡ ନିବାସୀ ଡା. ପ୍ରଫେସର ସତ୍ୟନାରାୟଣ ରାଓ ଯୋଗଦାନ କରିଥିଲେ। ଡା. ଶରତ ବିଶ୍ୱାଳ ଅତିଥୀ ପରିଚୟ ପ୍ରଦାନ କରିଥିବା ବେଳେ ସଂପାଦକୀୟ ବିବରଣୀ ଡାକ୍ତର ସତ୍ୟଭାମା ଦାସ ପ୍ରଦାନ କରିଥିଲେ ଏବଂ ଡା. ପୂର୍ଣ୍ଣଚନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଗୀତା ଜ୍ଞାନ ପ୍ରତିଯୋଗିତାର କୃତି ଛାତ୍ରୀଙ୍କୁ ମୁଖ୍ୟଅତିଥୀ ପୁରସ୍କାର ପ୍ରଦାନ କରିଥିଲେ। ଏଥିରେ ସ୍ଥାନୀୟ ଲୋକମାନଙ୍କ ସମାଗମ ହୋଇଥିଲା।

# ଗାଁ ଗାଁ ବୁଲି ଜୀବିକା ସମ୍ଭାଳୁଛନ୍ତି ଗଗନ

ଅସୁରାଳି,୨୬।୧୨(ସମିସ)



ସମାଜର ଗହଳି ଭିତରେ ଏମିତି ଜଣେ ଜଣେ ମଣିଷ ଆଖିରେ ପଡନ୍ତି ସେମାନେ ଅନ୍ୟ ମାନଙ୍କ ଭିତରୁ ନିଆରା ମନେ ହୁଅନ୍ତି। ସେମାନଙ୍କ ବୃତ୍ତି ପ୍ରବୃତ୍ତି, ନିରଳସ ନିରହଙ୍କାର ଜୀବନଚର୍ଯ୍ୟା, ସ୍ୱାଭିମାନୀ ଅନ୍ଦାଜ, ସଂଗ୍ରାମ ଓ ସଂଘର୍ଷ ଅନ୍ୟମାନଙ୍କୁ ଆକର୍ଷିତ କରେ। ଜୀବନ ଜୀବିକା ପାଇଁ ଜୀବନର ଅପରାହ୍ନରେ ବି ସଙ୍ଘର୍ଷ ଜାରି ରଖିଛନ୍ତି। ସେଇମିତି ଜଣେ ନିଆରା ମଣିଷ ଧାମନଗର ବ୍ଲକ ରାଧାବଲ୍ଲଭପୁର ପଞ୍ଚାୟତ ଷୋଳ ଗାଁର ଗଗନବିହାରୀ ଜେନା। ଗଗନଙ୍କୁ ବୟସ ୭୫ହେଲାଣି; ତଥାପି ସେ ଜୀବିକା ପାଇଁ ଅବିରତ ସଂଗ୍ରାମ ଚଳାଇଛନ୍ତି । ସ୍ୱାର୍ଥ ସର୍ବସ୍ୱ ଦୁନିଆରେ ସମସ୍ତେ ଥାଇ ବି କେହି ନଥିବାର ବେସାହାରା ମଣିଷ ଗଗନ ବିହାରୀ ବିଲ ବାଡ଼ି ଜମି ଜମା କିଛି ନାହିଁ । ପରିବାର ଚଳାଇବାକୁ ମୂଲ ମଜୁରୀ ଲାଗିବାକୁ ଶରୀର ଓ ସ୍ୱାସ୍ଥ୍ୟ ଆଉ ସାଥି ଦେଉନି । ସ୍ୱାଭିମାନୀ ଗଗନ ବାଛି ନେଇଛନ୍ତି ନିଜ ପାଇଁ ବାଟ ଟିଏ। ନଦୀ ପଠା, ଗହିର, ବିଲରୁ ସଂଗ୍ରହ କରନ୍ତି ସେ କାଇଁଶ। ସେଇ କାଇଁଶକୁ ସେ ଖରାରେ ଶୁଖାଇ ତାକୁ ସୁନ୍ଦର ଭାବେ ପାଗ ଦିଅନ୍ତି। ବିଭିନ୍ନ ରଙ୍ଗ ଦେଇ ରଙ୍ଗୀନ କରନ୍ତି। ଆଉ ସେଇ ରଙ୍ଗ ବେରଙ୍ଗ କାଇଁଶରେ ସେ ସୁନ୍ଦର ମାଣ, ଫୁଲ ଚାଙ୍ଗୁଡ଼ା, ପାଛିଆ ତିଆରି କରନ୍ତି। ଭାରୀ ଲୋଭନୀୟ ଆଉ ଆକର୍ଷଣୀୟ କରି ସେ ସବୁ ସମ୍ପୂର୍ଣ୍ଣ ହେଇ ଗଲାପରେ ସେଗୁଡ଼ିକୁ ନେଇ ପାଦରେ ଚଲି ଚାଲି ବାହାରି ପଡନ୍ତି ଗାଁରୁ ଗାଁକୁ ବିକିବା ପାଇଁ। ଧାମନଗର ବ୍ଲକର କଲ୍ୟାଣୀ, କୋଠାର, ବନ୍ଧଟିଆ, ଅସୁରାଳି, ମଙ୍ଗଳପୁର, ଚୁନିଦା, ଆମ୍ବିଳି ଗାଁ, ବାଘୁଆରି, ଛନ୍ଦାସାହି ପ୍ରଭୃତି ଗ୍ରାମରେ ବୁଲି ବୁଲି ନିଜ ହାତ ତିଆରି କାଇଁସ ସାମଗ୍ରୀ ବିକନ୍ତି। ତାଙ୍କ ହାତ ତିଆରି ଏଇ ଜିନିଷ ଗୁଡ଼ିକ ଲୋକେ ଆଦରରେ କିଣି ନିଅନ୍ତି। କିନ୍ତୁ ତାଙ୍କ ପରିଶ୍ରମର ଉଚିତ୍ ମୂଲ ପାଇପାରନ୍ତିନି ସେ। ଯେତିକି ଉପାର୍ଜନ କରନ୍ତି ସେଇଥିରେ ତାଙ୍କ ପରିବାର ଢୋକେ ପିଇ ଦଣ୍ଡେ ଜୀଇଁବା ଭଳି ଚଳିଯାଆନ୍ତି। କେବେ ନିଜ ଆଦର୍ଶରୁ ଗଗନ ପଛକୁ ହଟିନାହାନ୍ତି। ନିଜ ସ୍ୱାର୍ଥ ପାଇଁ କେବେ ନିଜର ସ୍ୱାଭିମାନ କୁ ସେ ବଳି ଦେଇ ନାହାନ୍ତି । ଅନେକ ଦୁଃଖ ଓ ଦୁର୍ଦ୍ଦଶା ଭିତରେ ସେ କିନ୍ତୁ ନିର୍ବିକାର ନୀଳକଣ୍ଠ ପରି ଆନନ୍ଦ ଉପଲବ୍ଧି କରି ଚାଲିଛନ୍ତି। ସ୍ଥାନୀୟ ପ୍ରଶାସନ ତାଙ୍କ ପ୍ରତି ଦୃଷ୍ଟି ଦେବାକୁ ବହୁ ବୁଦ୍ଧିଜୀବୀ ପ୍ରଶାସନକୁ ଅନୁରୋଧ କରିଛନ୍ତି।

ସକାଳ THE SAKALA



## ବିଜେଡିର ୨୭ତମ ପ୍ରତିଷ୍ଠା ଦିବସ

# ଓଡ଼ିଶାର ପ୍ରଗତି, ସମୃଦ୍ଧିକୁ ଆଗେଇ ନେବାକୁ ସଂକଳ୍ପ



**ଭଦ୍ରକ, ୨୬।୧୨(ସମିସ)**

ଭଦ୍ରକ ଜିଲ୍ଲା ବିଜେଡି କାର୍ଯ୍ୟାଳୟ 'ବିଜୁ ଭବନ' ଠାରେ ଭଦ୍ରକ ବିଧାନସଭା ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜେଡିର ୨୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ବିଜେଡି କାର୍ଯ୍ୟାଳୟରେ ଥିବା ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲ୍ଲା ବିଜେଡି ସଭାପତି ଜଗନ୍ନାଥ ସ୍ୱାଇଁ, ରାଜ୍ୟ ବିଜେଡି ସମ୍ପାଦକ ଲୁଲୁ ସାମଲ, ଭଦ୍ରକ ବ୍ଲକ ଅଧକ୍ଷା ଊର୍ମିଳା ନାୟକ, ପ୍ରାକ୍ତନ ପୌରାଧ୍ୟକ୍ଷ ମାନସ ମହାନ୍ତି, ଭଦ୍ରକ ଟାଉନ ବିଜେଡି ସଭାପତି ତାହେର ମହମ୍ମଦ, ରାଜ୍ୟ ବ୍ଲକ ଉପାଧକ୍ଷ ମୁକୁନ୍ଦଦେବ ସାମଲ ପ୍ରମୁଖ ବହୁ ଦଳୀୟ ନେତା ଓ କାର୍ଯ୍ୟକର୍ତ୍ତାମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ବିଜେଡିର ୨୭ତମ ପ୍ରତିଷ୍ଠା ଦିବସ ପାଳନ ନେଇ ଜିଲ୍ଲା ବିଜେଡି ସଭାପତି ଜଗନ୍ନାଥ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଭଦ୍ରକ ସାଂସଦ ଶ୍ରୀମତୀ ମଣ୍ଡଳ, ଭଦ୍ରକ ବିଧାୟକ ଶ୍ରୀ ମଲ୍ଲିକ, ଭଣ୍ଡାରିପୋଖରୀ ବିଧାୟକ ଶ୍ରୀ ସାମଲ ଓ ପ୍ରାକ୍ତନ ବିଧାୟକ ଶ୍ରୀ ମଣ୍ଡଳ ପ୍ରମୁଖଙ୍କ ଉପସ୍ଥିତିରେ ସମସ୍ତେ ଓଡ଼ିଶାର ପ୍ରଗତି, ସମୃଦ୍ଧିକୁ ଆଗେଇ ନେବାକୁ ମୋ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମକୁ ଆଗେଇ ନେବାକୁ ସଂକଳ୍ପ ନେଇଥିଲେ। ପ୍ରତି ଘରେ ଘରେ ରାଜ୍ୟ ସରକାରଙ୍କ ବିକାଶର କାର୍ଯ୍ୟକୁ ପହଞ୍ଚାଇବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସଂଖ୍ୟାଲଘୁ ବିଜେଡିର ପରାମର୍ଶଦାତା ତାହେରା ଖାତୁନ, ଅଜୟ ନାୟକ, ବରିଷ୍ଠ କାଉନସିଲର ଦିଲିପ ନାୟକ, ରାଜ୍ୟ ଯୁଗ୍ମ ସମ୍ପାଦକ ରାକେଶ ପଣ୍ଡା, ଜିଲ୍ଲା ମହିଳା ବିଜେଡି ଉପ-ସଭାନେତ୍ରୀ ରାଜଲକ୍ଷ୍ମୀ ମହାପାତ୍ର, ଭଦ୍ରକ ବ୍ଲକ ମହିଳା ବିଜେଡି ସଭାନେତ୍ରୀ ଦେବୀଦତ୍ତା ମହାନ୍ତି, ଟାଉନ ମହିଳା ବିଜେଡି ସଭାନେତ୍ରୀ ଦେବହୁତି ମହାପାତ୍ର, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ପ୍ରଣୟ ଦାସ, ସରପଞ୍ଚ ଅକ୍ଷୟ ମହାନ୍ତି, ଜିଲ୍ଲା ଦଳିତ ନେତା ରାଜେନ୍ଦ୍ର ଜେନା, ପ୍ରଭାତ ଜେନା, ମମତା ନାୟକ, ଆଶୀଷ ରାଉତ, ନଈମ ଖାଁ ପ୍ରମୁଖ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

**ବାସୁଦେବପୁର:** ବାସୁଦେବପୁର



ବିଜେଡି ପକ୍ଷରୁ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଆଜି ସକାଳେ ଗଣଦୌଡ଼ ସ୍ଥାନୀୟ ଚାଟେରୀ ଛକ ଠାରୁ ଆରମ୍ଭ ହୋଇ ସହରର ଟାଉନହଲ ପରିସରରେ ଶେଷ ହୋଇଥିଲା। ଏହି ଗଣ ଦୌଡରେ ବିଭିନ୍ନ ଅଞ୍ଚଳରୁ ଯୁବକ ଯୁବତୀମାନେ ଅଂଶ ଗ୍ରହଣ କରିଥିଲେ। ସେହିପରି ମେଡିକାଲ ରୁଗି ମାନଙ୍କୁ ଫଳ ବଣ୍ଟନ, ବୃକ୍ଷରୋପଣ କାର୍ଯ୍ୟକ୍ରମ ହୋଇଥିଲା। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ସହରର ନୀଳମଣୀ ଟାଉନହଲ ପରିସରରେ ଆୟୋଜିତ ସଭାରେ ବରିଷ୍ଠ କର୍ମି ଦେବଦର୍ଶନ



ଦାସଙ୍କ ପୌରୋହିତ୍ୟରେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ବ୍ଲକ ଅଧକ୍ଷ ନଗେନ୍ଦ୍ର ବିଶ୍ୱାଳ, ଅସିତ କୁମାର ଦାଶ, ରାଜ୍ୟ ମହିଳା ସମ୍ପାଦିକା ରଶ୍ମିତା ନାୟକ, ବିଜେଡି ସଭାପତି ଦୀନବନ୍ଧୁ ଦାସ, ପୌର ଉପାଧକ୍ଷ ଉତ୍ତମ କୁମାର ବାରିକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ନବୀନ ପଟ୍ଟନାୟକଙ୍କ ଗୁଣଗାନ କରିବା ସହିତ ସୁଶାସନର ବାର୍ତ୍ତା ଉପସ୍ଥିତ କର୍ମୀମାନଙ୍କ କାନରେ ମନ୍ତ୍ର ଫୁଙ୍କିଥିଲେ। କିପରି ସଂଗଠନକୁ ଆଗାମୀ ଦିନରେ ମଜବୁତ କରି ଆସନ୍ତା ନିର୍ବାଚନରେ ଦଳକୁ ଜିତାଇବା ସେ ଦିଗରେ କର୍ମୀମାନଙ୍କୁ ଅତିଥି ଗଣ ଦିଗଦର୍ଶନ ଦେଇଥିଲେ। ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ବେଶ ଉତ୍ସାହର ସହ କର୍ମୀ ପାଳନ କରିଛନ୍ତି।

**ଧାମନଗର:** ଧାମନଗର ନିର୍ବାଚନ ମଣ୍ଡଳୀ ସ୍ତରୀୟ ବିଜେଡିର ୨୭ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ଏହି ଅବସରରେ ଆଜି ସକାଳେ ଧାମନଗର ନଗର ସଭାପତିଙ୍କ ତତ୍ତ୍ୱାବଧାନରେ ଜଳସେଚନ ଡାକବଙ୍ଗଳା ଠାରୁ ଦଳୀୟ ନେତା ଓ କର୍ମୀ ଗେଞ୍ଜି ଓ ଟୋପି ପିନ୍ଧି ଏକ ଗଣଦୌଡ ବାହାରି ବିଭିନ୍ନ ସ୍ଲୋଗାନ ମାରି ବଜାର ପରିକ୍ରମା କରି ବିଜୁ ପଟ୍ଟନାୟକଙ୍କ ଛକ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ପୂର୍ବାହ୍ନରେ ଏନଏସି କଲ୍ୟାଣ ମଣ୍ଡପ ପରିସରରେ ବିଜେଡି ବ୍ଲକ ସଭାପତି ଉମେଶ ଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଦଳର ପ୍ରତିଷ୍ଠା ଦିବସ ପାଳନ ଉପଲକ୍ଷେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲ୍ଲା ପରିଷଦ ଉପାଧକ୍ଷା ଟୁନିବାଳା ବିଶ୍ୱାଳ, ଆମ ଓଡ଼ିଶା ନବୀନ ଓଡ଼ିଶା ଜିଲ୍ଲା ସଂଯୋଜକ ଡାକ୍ତର ସଞ୍ଜୟ ଦାସ, ଧାମନଗର ବ୍ଲକ ଅଧକ୍ଷା ଶର୍ମିଷ୍ଠା ବେହେରା, ତିହିଡି ବ୍ଲକ ଅଧକ୍ଷା ଅବନ୍ତୀ ଦାସ, ପ୍ରାକ୍ତନ ବ୍ଲକ ଅଧକ୍ଷ ଅଶୋକ କୁମାର ନାୟକ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ବ୍ଲକ ଉପାଧକ୍ଷ ଜଗବନ୍ଧୁ ପ୍ରଧାନ, ଏନଏସି ଅଧକ୍ଷା ନିବେଦିତା ଜେନା, ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ବିଦ୍ୟୁତଲତା ନାୟକ, ଏନଏସି ଉପାକ୍ଷ ଓସିମ ଏଜଦାନି କାଦରି, ଜଗଦୀଶ ପାତ୍ର, କମଳାକାନ୍ତ ଦାସ, ନିର୍ବାଚନ ମଣ୍ଡଳୀ ସ୍ତରୀୟ ଯୁବ ସଭାପତି ସ୍ୱଧନନାୟକ, ଭାରତ ବିଜୟ ଦଳାଇ, ସେକ ସୈଫିଦ୍ଦିନ (ସୁନିଲ), ସରପଞ୍ଚ ଶ୍ରୀକାନ୍ତ ମିଶ୍ର, ଅଜୟ ମଲ୍ଲିକ, ସରିତା ମହାନ୍ତି, ମମତା ଆଚାର୍ଯ୍ୟ, ନରେନ୍ଦ୍ର ନାରାୟଣ ନାୟକଙ୍କ ବିଭିନ୍ନ ପଞ୍ଚାୟତ ସରପଞ୍ଚ ଓ ସମିତି ସଭ୍ୟ ଏବଂ ପଞ୍ଚାୟତ ସଭାପତି ଯୋଗ ଦେଇଥିବା ବେଳେ ବିଜେଡି ନେତା ସେକ ଜାଫର ଅଲ୍ଲୀ, ପ୍ରତାପ ସାମଲ, ପ୍ରତାପ ମହାନ୍ତି,



ପ୍ରଶାନ୍ତ ଦ୍ୱିବେଦୀ, କୃଷ୍ଣଚନ୍ଦ୍ର ପତି, କୃଷ୍ଣଚନ୍ଦ୍ର ଜେନା, କାଉନସିଲର ପ୍ରମୁଖ ଯୋଗ ଦେଇ ୨୭ବର୍ଷର ଦଳର ସଫଳତା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ସାରା ରାଜ୍ୟରେ ସୁଶାସନ, ଜନହିତ କାର୍ଯ୍ୟ କରିବା ସହିତ ସାଢ଼େ ୪କୋଟି ଲୋକଙ୍କ ପାଇଁ ଏ ଦଳ ସବୁବେଳେ ପାଖରେ ରହିଛି ବୋଲି ବକ୍ତବ୍ୟରେ କହିଥିଲେ।

**ଭଣ୍ଡାରିପୋଖରୀ:** ଭଣ୍ଡାରିପୋଖରୀ ଠାରେ ବିଜେଡିର ୨୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବ୍ଲକ ପ୍ରାଙ୍ଗଣ ବିଜୁ ବିହାର ଠାରେ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ ଉପସ୍ଥିତ ରହି ବିଜେଡି ଦଳର ପ୍ରାଣ ପ୍ରତିଷ୍ଠା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହାଛଡା ପ୍ରାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ବିଧାୟକ ମାଲ୍ୟାର୍ପଣ ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବ୍ଲକ ବିଜେଡି ସଭାପତି ଲକ୍ଷ୍ମୀଧର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ବ୍ଲକ ଅଧକ୍ଷା ସୁମତୀ ସେଠୀ, ଉପାଧକ୍ଷ ପ୍ରଣିତକାନ୍ତି ସାମଲ, ବିଜେଡି ନେତା ଦେବେନ୍ଦ୍ର ଦାସ, ହେମନ୍ତ ଜେନା, ସତ୍ୟାନନ୍ଦ ମହାପାତ୍ର, ପ୍ରକାଶ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

**ଚାନ୍ଦବାଲି :** ଆଜି ଚାନ୍ଦବାଲି ବିଜୁ ସ୍ମୃତି ଭବନରେ ବିଜୁ ଜନତା ଦଳର ୨୭ ତମ ପ୍ରତିଷ୍ଠା ଦିବସ ବେଶ ଧୁମ ଧାମରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଚାନ୍ଦବାଲି ବିଧାୟକ ଡ.ବ୍ୟୋମକେଶ ରାୟ ଯୋଗ ଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିବା ସହ ୬ଷ୍ଠ ଥର କିଭଳି ସରକାର ଗଠନ କରାଯିବା ସେ ସମ୍ପର୍କରେ ମଧ ଆଲୋଚନା କରିଥିଲେ। ତେବେ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭ୍ୟ ପ୍ରିନ୍ସ ରାକେଶ ନାୟକ, ଶାନ୍ତିଲତା ସେଠୀ, ଜିତେନ୍ଦ୍ର ପାଣି, ନରେଶ ମାଝୀ, ଖଗେଶ୍ୱର ବଳ, ଦୀପକ ରାଉତ, ସୁବେନ୍ଦୁ ସାହୁ, ଅମେନ୍ଦ୍ର ସାହୁ, ସେକ ଫିରୋଜଙ୍କ ସହ ବିଭିନ୍ନ ପଞ୍ଚାୟତରୁ ଆସିଥିବା ଶତାଧିକ ବିଜୁ ଜନତା ଦଳର କର୍ମୀ ମାନେ ଉପସ୍ଥିତ ରହିଥିଲେ।



## ଜବତ ବାଲି ବୋଝେଇ ଟ୍ରକ୍ ଫେରାର

**ଭଣ୍ଡାରିପୋଖରୀ, ୨୬।୧୨(ସମିସ):** ଭଣ୍ଡାରିପୋଖରୀ ତହସିଲଦାର ସରୋଜକାନ୍ତ ନାୟକଙ୍କ ଦ୍ୱାରା ଜବତ ବେଆଇନ ବାଲିବୋଝେଇ ଟ୍ରକ୍ ଫେରାର ହେବା ଅଭିଯୋଗରେ ମାମଲା ରୁଜୁ ହୋଇଛି। ୧୬ ନଂ ଜାତୀୟ ରାଜପଥରେ ଏନଫୋର୍ସମେଣ୍ଟ ଦାୟୀତ୍ୱ ତୁଲାଉଥିବା ବେଳେ ଓଡି ୦୯ ସି ୭୮ ୬୩ନଂ ବେଆଇନ ବାଲି ବୋଝେଇ ଟ୍ରକକୁ ଜବତ କରି ତହସିଲ ନିକଟ ରାଜପଥ ସର୍ଭିସ ରୋଡକୁ ଆଣିଥିଲେ। ଗାଡିର ଜବତ କାଗଜପତ୍ର ପ୍ରସ୍ତୁତ ହୋଇଥିବା ବେଳେ ମାଲିକ ସେଠାରେ ପହଞ୍ଚି ତହସିଲଦାରଙ୍କ ସହ ଯୁକ୍ତିତର୍କ କରି ଚାଳକକୁ ଗାଡି ନେଇଯିବା ପାଇଁ କହିଥିଲା। ଚାଳକ ଜବତ ଗାଡିକୁ ନେଇ ପଳାଇଥିଲା। ଘଟଣା ସମ୍ପର୍କରେ ତହସିଲଦାର ଶ୍ରୀ ନାୟକ ଥାନାରେ ସୋମବାର ଅଭିଯୋଗ କରିଥିଲେ। ଏଥିନେଇ ସମ୍ପୃକ୍ତ ଗାଡିର ଚାଳକ ଓ ମାଲିକଙ୍କ ନାମରେ ୩୫୭/୨୩ନଂ ମାମଲା ରୁଜୁ ହୋଇଛି।

## ଗିରଫଦାରି ପରେ ଥାନାରୁ ଗଲେ ମହିଳାଗୋଷ୍ଠୀ

**ଭଣ୍ଡାରିପୋଖରୀ, ୨୬।୧୨(ସମିସ):** ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ଉତ୍ତରବାଡ ଗ୍ରାମର ଅନୁସୂୟା ଯେନାଙ୍କ ଅଭିଯୋଗ ଆଧାରରେ ରଜୁ ହୋଇଥିବା ୪୫୫/୨୩ନଂ ମାମଲାର ଅଭିଯୁକ୍ତମାନଙ୍କୁ ପୁଲିସ ଗିରଫ କରିବା ପରେ ସୋମବାର ବିଳମ୍ବିତ ରାତ୍ରରୁ ଏକତ୍ରିତ ହୋଇଥିବା ମହିଳା ଗୋଷ୍ଠୀ ଘରକୁ ଫେରିଯାଇଛନ୍ତି। ସେହିପରି ଅପରପକ୍ଷ ଆଶାଲତା ଯେନାଙ୍କ ଅଭିଯୋଗ ଆଧାରରେ ୪୫୬/୨୩ନଂ ମାମଲା ମଧ ରଜୁ ହୋଇଛି। ପରିବାର ଉପରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗତ ଶନିବାର ଅପରାହ୍ନରେ ଆକ୍ରମଣ କରିଥିବା ବ୍ୟକ୍ତିଙ୍କୁ ପ୍ରଥମେ ଥାନାରେ ଅଟକ ରଖାଯିବା ଓ ପରେ ଛାଡିଦିଆଯିବା ଘଟଣାର ପ୍ରତିବାଦ କରି ରବିବାର ସନ୍ଧ୍ୟାରୁ ଅନୁସୂୟାଙ୍କ ସମର୍ଥକ ମହିଳାମାନେ ଥାନା ପରିସରରେ ଏକତ୍ରିତ ହୋଇ ଥାନାରୁ ଛାଡ ପାଇଥିବା ଅଭିଯୁକ୍ତଙ୍କୁ ଗିରଫ ପାଇଁ ଅଡି ବସିଥିଲେ। ପୁଲିସ ସୋମବାର ଅଭିଯୁକ୍ତମାନଙ୍କୁ ଗିରଫ କରିବା ପରେ ମହିଳାମାନେ ଥାନାରୁ ଅପସରି ଯାଇଥିଲେ। ଗିରଫ ବ୍ୟକ୍ତିମାନଙ୍କୁ ପୁଲିସ ଅଜଣା ସ୍ଥାନରେ ରଖିଥିବା ଅଟକ ରଖିଥିବା ଜଣାଯାଇଛି।

## ତ୍ୟାଗଭୂମି ମହୋତ୍ସବର ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ

**ଭଦ୍ରକ, ୨୬।୧୨(ସମିସ):** ସ୍ଥାନୀୟ ଭାଗବତ କଲ୍ୟାଣ ମଣ୍ଡପଠାରେ ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନର ସଭାପତି ଅଜୟ ନାୟକଙ୍କ ଆହ୍ୱାନ କ୍ରମେ ଇଂ.ଅଖିଳ ମୋହନ ପାଢ଼ୀଙ୍କ ପୌରୋହିତ୍ୟରେ ତ୍ୟାଗଭୂମି ମହୋତ୍ସବର ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ବୈଠକରେ ତ୍ୟାଗଭୂମିର ବରିଷ୍ଠ ସଦସ୍ୟ ଶାନ୍ତନୁ ରାଉତ, ବସନ୍ତ ମହାନ୍ତି, ରାଧା ବିନୋଦ ନାୟକ, ଗୋବର୍ଦ୍ଧନ ସାମଲ, ହରିଶ୍ଚନ୍ଦ୍ର ଦାସ, ଅଶୋକ ମହାନ୍ତି, ଗଦାଧର ବଳ, ବାବୁଲାଲ ଦାସ, ଚର୍ଚ୍ଚିକା ମହାପାତ୍ର, ଅବ୍ଦୁଲ ଦୟାନ, ଲକ୍ଷ୍ମୀକାନ୍ତ ବାରିକ, ଆଦିତ୍ୟ ନାୟକ, ଗଗନବିହାରୀ ରାଉତ, ଅଶୋକ ଦାସ, କୈଳାସ ଚନ୍ଦ୍ର ମହାପାତ୍ର, ଅଭୟ ଦାସ, ରମାକାନ୍ତ ଲେଙ୍କା, ଭକ୍ତବନ୍ଧୁ ଦାସ, ପର୍ଶୁରାମ ଦ୍ୱିବେଦୀ, ସୁଧାକର ରାଉତ ପ୍ରମୁଖ ଯୋଗଦେଇ ଚଳିତ ଡିସେମ୍ବର ୩୦ରୁ ଜାନୁଆରୀ ୫ ପର୍ଯ୍ୟନ୍ତ ଭଦ୍ରକ ସହିଦ୍ ସ୍ମୃତି ଭବନଠାରେ ଅନୁଷ୍ଠିତ ହେବାକୁ ଥିବା ତ୍ୟାଗଭୂମି ମହୋତ୍ସବର ବିଭିନ୍ନ ସାଂସ୍କୃତିକ ସଭା ଓ କାର୍ଯ୍ୟକ୍ରମ ସମ୍ପର୍କରେ ବିଭିନ୍ନ ଦିଗରୁ ଆଲୋଚନା ରଖିବା ସହିତ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ।

## ବାସୁଦେବପୁର ବ୍ଲକରେ ମିଳିତ ଜନଶୁଣାଣି ଶିବିର



**ବାସୁଦେବପୁର, ୨୬।୧୨(ସମିସ):** ଜିଲ୍ଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିର ବାସୁଦେବପୁର ବ୍ଲକରେ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଭଦ୍ରକ ଏସ୍‌ପି ବରୁଣ ଗୁଣ୍ଟୁପାଲି ଏହି ଶିବିରରେ ଯୋଗ ଦେଇ ସମୁଦାୟ ୧୮୬ଟି ଅଭିଯୋଗ ଶୁଣିଥିଲେ। ସେଥିମଧ୍ୟରେ ବ୍ୟକ୍ତିଗତ ସମସ୍ୟା ମୂଳକ ୭୩ଟି ଓ ସାମୂହିକ ସମସ୍ୟା ସମ୍ବନ୍ଧୀୟଟି ୧୧୩ ଅଭିଯୋଗ ଥିଲା। ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ର, ବାସୁଦେବପୁର ବିଡିଓ ସଞ୍ଜୀବ କୁମାର ସାହୁ ପ୍ରମୁଖ ଏହି ଶିବିରରେ ଉପସ୍ଥିତ ରହି ଜନ ଅଭିଯୋଗ ଶୁଣାଣି କାର୍ଯ୍ୟରେ ଜିଲ୍ଲାପାଳଙ୍କୁ ସହଯୋଗ କରିଥିଲେ। କର୍କଟ ରୋଗର ଚିକିତ୍ସା ପାଇଁ ସିଏମ୍‌ଆର୍‌ଏଫ୍‌ରୁ ଜଣଙ୍କୁ ୧୫ ହଜାର ଓ ଜଣେ ଅସହାୟଙ୍କୁ ରେଡକ୍ରସ୍ ପାଣ୍ଠିରୁ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ପାଇଁ ଜିଲ୍ଲାପାଳ ମଞ୍ଜୁର କରିଥିଲେ। ଧାନକିଣା, ରେସନ୍, ରାସ୍ତା ନିର୍ମାଣ, ଆବାସ ଯୋଜନା ଆଦି ସହ ଆଗତ ବିଭିନ୍ନ ବିଭାଗ ସମ୍ବନ୍ଧୀୟ ସମସ୍ୟା ମୂଳକ ଅଭିଯୋଗ ସବୁର ନିୟମାନୁଯାୟୀ ସମାଧାନ ପାଇଁ ପଦକ୍ଷେପ ନେବାକୁ ଶିବିରରେ ଉପସ୍ଥିତ ଜିଲ୍ଲା ଓ ଉକ୍ତ ବ୍ଲକସ୍ତରୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ।

## ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ବଣ୍ଟନ

**ତିହିଡି.୨୬।୧୨(ସମିସ):** ତିହିଡ଼ି ବ୍ଲକ ବରିଷ୍ଠ ନାଗରିକ ସଂଘର ପିରହାଟ ଜୋନ୍ ବୈଠକ ପିରହାଟ ଥାନା ଆଇଆଇସି ଶ୍ରୀକାନ୍ତ ପତିଙ୍କ ପୌରୋହିତ୍ୟରେ ପିରହାଟ ଥାନା ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ ସଂଘର ଜୋନ ସଭାପତି ଜଗନ୍ନାଥ ନାୟକ ଆଗନ୍ତୁକ ନୂତନ ସଭ୍ୟମାନଙ୍କୁ ସ୍ୱାଗତ କରିଥିଲେ। ବହୁ ବରିଷ୍ଠ ନାଗରିକ ବିଭିନ୍ନ ସମୟରେ ପରିବାର ଅଥବା ସାମାଜିକ କାର୍ଯ୍ୟରେ ନିର୍ଯାତିତ ହେଉଥିବାରୁ ସେମାନଙ୍କୁ ସାହାଯ୍ୟ କରିବା ପାଇଁ ଆଇଆଇସି ସମ୍ମତି ପ୍ରଦାନ କରିଥିଲେ। ବରିଷ୍ଠଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ସୁଯୋଗ ଦେବାକୁ ହରିଶ୍ଚନ୍ଦ୍ର ବାରିକ ଦୃଷ୍ଟି ଆକର୍ଷଣ କରିଥିଲେ। ବ୍ଲକ ସଂଘ ଉପଦେଷ୍ଟା ସୁରେନ୍ଦ୍ର ମାୟକ, ସଭାପତି ସୋମନାଥ ପାଢ଼ୀ, ସମ୍ପାଦକ ବିଭୂତିଭୂଷଣ ସେନାପତି, କାର୍ଯ୍ୟକାରୀ



ସଭାପତି ହରେକୃଷ୍ଣ ମହାକୁଡ଼, ସଂଗଠନ ସମ୍ପାଦକ ସୁରେନ୍ଦ୍ର ମାଝୀ, ଜୋନ ସମ୍ପାଦକ ଶଶିକାନ୍ତ ବେହେରା, ଉପସଭାପତି ପ୍ରଫୁଲ୍ଲ ପାଢ଼ୀ, ଗୟାଧର ବଳ, କୋଷାଧକ୍ଷ ଭଗବାନ ନାଥ ଅତିଥିଭାବେ ଯୋଗଦାନ କରି ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସୁଧାରଞ୍ଜନ ମହାନ୍ତି, ଶରତଚନ୍ଦ୍ର କର, ନନ୍ଦ ସୂତାର, କୈଳାସ ବୀର, ଗଙ୍ଗାଧର କର, ରାଧାଶ୍ୟାମ ନାୟକ, ମୂରଲୀଧର ପାଣିଗ୍ରାହୀ, ଉଷାମଣୀ ନାୟକ, ରଞ୍ଜନ ସାହୁ, ବିଦ୍ୟାଧର ନାୟକ, ସୁଭାଷ ଚନ୍ଦ୍ର ପାଣିଗ୍ରାହୀ, ପହଲ୍ଲାଦ ବାରିକ ପ୍ରଭୃତି ତିରିଶ ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ଆଇ.ଆଇ. ସି.ଶ୍ରୀକାନ୍ତ ପତି ମହୋଦୟ ପ୍ରଦାନ କରିଥିଲେ। ଶେଷରେ ତ୍ରିଲୋଚନ ନାଥ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଦାନି ଫାଉଣ୍ଡେସନ ପକ୍ଷରୁ କୃଷକ ଦିବସ ପାଳିତ

**ଭଦ୍ରକ, ୨୬।୧୨(ସମିସ):** ଆଦାନି ଧାମରା ପୋର୍ଟର ସିଏସ୍‌ଆର ବିଭାଗ ଆଦାନି ଫାଉଣ୍ଡେସନ ପକ୍ଷରୁ ବନ୍ଦର ପାରିପାର୍ଶ୍ୱିକ ଗ୍ରାମପଞ୍ଚାୟତ ଓ ରେଳ କରିଡରରେ ବସବାସ କରୁଥିବା ୨୫୦ କୃଷକଙ୍କୁ ନେଇ ଜାତୀୟ କୃଷକ ଦିବସ ପାଳନ କରାଯାଇଛି। ଏଥିରେ କୃଷି ଓ କୃଷକ ସଶକ୍ତିକରଣ, ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ, ଓଡ଼ିଶା ଜୀବିକା ମିଶନ, କୃଷି ବିଜ୍ଞାନ କେନ୍ଦ୍ର, ପଶୁପାଳନ ଓ ପ୍ରାଣୀଧନ ଚିକିତ୍ସା ବିଭାଗର ବ୍ଲକ ଓ ଜିଲ୍ଲାସ୍ତରୀୟ ଅଧିକାରୀ, ବାଏଫ୍ ପ୍ରତିନିଧିଗଣ ଏବଂ ଧାମରା ପୋର୍ଟର ଉଦ୍ୟାନ କୃଷି ବିଭାଗର ଅଧିକାରୀମାନେ ଯୋଗ ଦେଇ ସରକାରଙ୍କ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ, ସେଥିରେ ରିହାତି ବ୍ୟବସ୍ଥା ଓ ଚାଷ ପାଇଁ ଆବଶ୍ୟକ ବୈଷୟିକ ମାର୍ଗଦର୍ଶନ ଉପରେ ଆଲୋଚନା କରିଥିଲେ। ଚଳିତ ବର୍ଷର କୃଷକ ଦିବସର ବିଷୟବସ୍ତୁ 'ନିରନ୍ତର ଖାଦ୍ୟ ନିରାପତ୍ତା ଏବଂ ସ୍ଥିରତା ପାଇଁ ସ୍ମାର୍ଟ ସଲ୍ୟୁସନ ବିତରଣ' ଉପରେ ଭରସା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ ନିମାଇଁ ଚରଣ ପଟ୍ଟନାୟକ, ଭଦ୍ରକ ଜିଲା ମୁଖ୍ୟ କୃଷି ଅଧିକାରୀ ନାରାୟଣ ଉପାଧ୍ୟାୟ, ବରିଷ୍ଠ ବୈଜ୍ଞାନିକ ତଥା ଭଦ୍ରକ କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ଡଃ ସଞ୍ଜୟ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଆଦାନି ଫାଉଣ୍ଡେସନ ପକ୍ଷରୁ ୫ଟି କୃଷକ ଗ୍ରୁପ, ୩୦୦ କୃଷକ, ୫ଟି ମହିଳା ଉତ୍ପାଦକ ଗୋଷ୍ଠୀ ଏବଂ ୭ ଜଣ ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



# କାଦବରାଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ର ପାଲଟିଲାଣି ଜଙ୍ଗଲ

**ଆଗରପଡ଼ା, ୨୬।୧୨(ସମିସ)**

ବନ୍ତ ବ୍ଲକ କାଦବରାଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ନୂତନ) ଅଧିକାରୀମାନଙ୍କ ଖାମଖିଆଲି ନୀତି ଯୋଗୁଁ ସଂରକ୍ଷିତ ଜଙ୍ଗଲର ଭ୍ରମ ସୃଷ୍ଟି କରୁଛି। ଏହି ସ୍ୱାସ୍ଥ୍ୟ କେନ୍ଦ୍ରକୁ ପ୍ରତିଦିନ ଆଡ଼ିଆ, ଅଡ଼ାଳପଙ୍କ, ଗୋପାଳପୁର, କାଉପୁର, ଗଣିଜାଙ୍ଗ ଆଦିର ଶତାଧିକ ଲୋକ ସ୍ୱାସ୍ଥ୍ୟ ସେବା ପାଇଁ ଆସିଥାନ୍ତି। କିନ୍ତୁ ଉକ୍ତ କେନ୍ଦ୍ର ପରିସରରେ ଅନାବନା ଗଛ ଭର୍ତ୍ତି ହୋଇଥିଲେ ସୁଦ୍ଧା ଏହାକୁ କାଟି ସଫା କରିବା ପାଇଁ ବିଭାଗୀୟ କର୍ମଚାରୀମାନେ ଦୃଷ୍ଟି ନଦେବାକୁ ନେଇ ସ୍ୱାସ୍ଥ୍ୟ ସେବା ପାଇଁ ଏଠାକୁ ଆସୁଥିବା ଲୋକଙ୍କ ମଧ୍ୟରେ ଅସନ୍ତୋଷଭାବ ସୃଷ୍ଟି ହୋଇଛି। ୧୯୯୪ ମସିହାରେ ଏହି ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରତିଷ୍ଠା ହେବା ପରଠାରୁ ଏହାର ଭିତ୍ତି ଭୂମିରେ କୌଣସି ଉନ୍ନତି ପରିଲକ୍ଷିତ ହୋଇପାରି ନଥିଲା। ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ କେନ୍ଦ୍ରୀୟ ଟିମ ଗସ୍ତ ପୂର୍ବରୁ ଏହାର କଳେବର ରଙ୍ଗିନ ହୋଇପାରି ଥିଲା। ମାତ୍ର ଡାକ୍ତର ନଥିବାରୁ ରୋଗୀମାନେ ନାନା ହିନସ୍ତା ହେଉଥିଲେ। ଭାରାପ୍ରାପ୍ତ ଡାକ୍ତର ପଦବୀ ଦୀର୍ଘ ବର୍ଷ ଧରି ଏଠାରେ ଖାଲି ପଡ଼ିବା ପରେ ଗତ ୨ବର୍ଷ ହେବ ସରକାର ଏଠାରେ ଏକ ନିୟମିତ ଡାକ୍ତର ନିଯୁକ୍ତି ଦେଇଥିଲେ। ସେହିପରି ଡାକ୍ତରଙ୍କ ରହିବା ପାଇଁ



ଗୃହ ସମେତ ପାଚେରି ନିର୍ମାଣ କରାଯାଇଥିଲା। ବିଭାଗୀୟ ଅଧିକାରୀମାନେ ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ କରି ଭାରପ୍ରାପ୍ତ ଡାକ୍ତରଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ ସୁଦ୍ଧା ଏଠାରେ ଆଜି ସୁଦ୍ଧା କୌଣସି କର୍ମଚାରୀ ରହୁନଥିବା ଜଣାପଡ଼ିଛି। ଏହାର ସମ୍ମୁଖ ଭାଗକୁ ଛାଡ଼ି ଅନ୍ୟ ପାର୍ଶ୍ୱରେ ନାନାଦି ଅନାବନା ଗଛ ଉଠି ଅପରିଷ୍କାର ପରିବେଶ ସୃଷ୍ଟି କରିବା ସହ ଏଥି ମଧ୍ୟରେ ବିଷଧର ସାପମାନେ ରହିଥାଇପାରନ୍ତି ବୋଲି ଅନୁମାନ କରାଯାଉଛି। ସେହିପରି ଏହାର ପରିସରରେ ପୁରୁଣା ଗୃହ ଥିଲେ ମଧ ଏହାକୁ ଭାଙ୍ଗିବାର କୌଣସି ବନ୍ଦୋବସ୍ତ କରାଯାଉନଥିବା ମଧ ଚିନ୍ତାର ବିଷୟ ପାଲଟିଛି। ସରକାରଙ୍କ ସ୍ୱଚ୍ଛଭାରତ ଅଭିଯାନ ଏଠାରେ ସମ୍ପୂର୍ଣ୍ଣ ବାଟବଣା ହୋଇପଡ଼ିଛି। ତେଣୁ ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରଟିରେ ଲାଗି ରହିଥିବା ଏହି ସବୁ ସମସ୍ୟାକୁ ଶୀଘ୍ର ସମାଧାନ କରିବା ସହ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

